# Akashvani, Sambalpur

# SAMBALPURI NEWS MORNING BULLETIN

# 12 April 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍          ଆଇ ଆଣ୍ଡ୍ ପି.ଆର୍

ଗବେଷଣା, କୃତ୍ରିମ ବୁଦ୍ଧିମତା ଆଉ ନବସୃଜନର ସଠିକ୍ ବେଭାର୍ ଜରିଏ ଦେଶର୍ ସମୃଦ୍ଧି ସୁନିଶ୍ଚିତ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ୩ ଦିନିଆ କେନ୍ଦୁଝର୍ ଗସ୍ତଥି ଯାଇକରି ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ସର୍କାରୀ ଯାନ୍ତ୍ରିକ ମହାବିଦ୍ୟାଳୟ- ଜି.ସି.ଆଇ. ର ରୌପ୍ୟ ଜୟନ୍ତୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଜି.ସି.ଆଇ. କେ ଗୁଟେ ଉତ୍କର୍ଷ କେନ୍ଦ୍ର ଭାବେ ଘୋଷ୍ନା କରିକରି ଛାତ୍ରଛାତ୍ରୀମାନ୍କୁ ଉଚ୍ଚତର ଗବେଷଣା ଆଉ ଦକ୍ଷତା ବିକାଶ୍ଥି ଆଗ୍କେ ଆସ୍ବାର୍ ଲାଗି ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ଓଡ଼ିଶା ନ ଥୋରିୟମ୍ ସମ୍ପଦ୍ ଥିବାର୍‌ନୁ ପରମାଣୁ ଶକ୍ତିକେନ୍ଦ୍ର ଲାଗି ଉଜ୍ଜ୍ୱଳ ସମ୍ଭାବନା ରହିଛେ । ଗଲା ୨ ବଛରେ ପାଖାପାଖି ୨ ଲାଖ୍ ୮୦

ହଜାର୍ କୋଟି ଟଙ୍କା ବିନିଯୋଗ୍ ହେଇଥିବାର୍ ସହେତେ ଶିଳ୍ପ ଆଉ ଚାକିରୀ ସୁଯୋଗ୍ ବଢ଼ିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଐକ୍ୟ ସ୍ଥାପନା ମଣ୍ଡଲୀ ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଐକ୍ୟ ସ୍ଥାପନା ମଣ୍ଡଲୀର୍ ଜରୁରୀ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଆଏବା ପଣାସଂକ୍ରାନ୍ତି ଦିନୁ ଶ୍ରୀମନ୍ଦିର୍ ତରଫୁ ପ୍ରଚଳିତ କେଲେଣ୍ଡରଥି ଉଲ୍ଲେଖ ହେଇଥିବା ତାରା ଚିହ୍ନ ଅନ୍‌ସାରେ ତିହାର୍ ବାହାର୍ ଦେଶେ ଥିବା ସବୁ ଜଗନ୍ନାଥ୍ ମନ୍ଦିର୍ ନ ପାଲନ୍ କରାଯିବାର୍‌ଟା ବାଧ୍ୟତାମୂଲକ୍ ଆଏ । ସେନ୍ତା ଭାରତ୍ ଭିତ୍‌ରେ ସବୁ ଜଗନ୍ନାଥ୍ ମନ୍ଦିର୍ ନ ଶ୍ରୀମନ୍ଦିର୍ କେଲେଣ୍ଡର୍ ଅନ୍‌ସାରେ ପର୍ବପର୍ବାଣୀ ଆଉ ନୀତିକାନ୍ତି କର୍‌ବାର୍‌କେ ଗଜପତି ମହାରାଜ୍ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ଗଜପତି ମହାରାଜ୍)

ସେନ୍ତା ଇସ୍କନ୍ ସଂସ୍ଥା ଶ୍ରୀକ୍ଷେତ୍ର ପରମ୍ପରା ବ୍ୟତିକ୍ରମ୍ କରୁଥିବାର୍ ବେଲେ ଆଏବା ଡିସେମ୍ବର୍ ମାସ୍‌ତକ୍ ଇସ୍କନ୍ ତରଫୁ

ପୁର୍ଥିର୍ ଭିନ୍ ଭିନ୍ ଜାଗା ନ ୮୦ ଟା ଅଦିନିଆ ରଥଯାତ୍ରା ହେବାର୍କେ ଯାଉଥିବାର୍ନୁ ଇତାକେ ରୁକ୍ବାର୍ ଲାଗି ରାଜ୍ୟ ଆଉ କେନ୍ଦ୍ର ସର୍କାର୍ଙ୍କର୍ ଦାୟିତ୍ୱ ରହିଛେ ବଲି ଗଜପତି ମହାରାଜ୍ କହିଛନ୍ ।

ବୈଠକ୍ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ସହେତେ ଅଲ୍ଗା ସଦସ୍ୟ ମାନେ ଉପସ୍ଥିତ୍ ଥିଲେ ।

ଶ୍ରୀମନ୍ଦିର୍ -ରତ୍ନ ଅଲଙ୍କାର୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ବାହାର ରତ୍ନଭଣ୍ଡାର୍ ନ ଥିବା ରତ୍ନ ଅଲଙ୍କାର୍ର ଗନ୍ତିମନ୍ତି କାମ୍ ଶେଷ୍ ହେଇଛେ । ଗଲାକାଏଲ୍ ୭ ଘଂଟା ଧରିକରି ଇ ପ୍ରକ୍ରିୟା ଚାଲିଥିଲା । ଗଲା ୮ ତାରିଖନୁ ମୁଲ୍ ହେଇଥିବା ଇ ପ୍ରକ୍ରିୟା ୪ ନମ୍ବର ଦିନେ ଶେଷ୍ ହେଇଥିବାର୍ ବେଲେ ମାର୍ଗଦର୍ଶିକା ଅନ୍ସାରେ ସବୁ ପ୍ରକାରର୍ ଗନ୍ତି କାମ୍ କରାଯାଇଛେ । ସବୁ ରତ୍ନଅଲଙ୍କାର୍ର ଥ୍ରି-ଡି ସ୍କେନିଂ କରାଯିବାର୍ ସହେତେ ଡିଜିଟାଲ୍ ଫଟୋଗ୍ରାଫି କରାଯାଇଛେ । ଆଏବା

କାଏଲ୍‌ଠାନୁ ଶ୍ରୀମନ୍ଦିର୍ ଭିତର ରତ୍ନଭଣ୍ଡାର୍ ନ ଥିବା ରତ୍ନ ଅଲଙ୍କାର୍ ମାନ୍‌କର୍ ଗନତି କରାଯିବା ।

ଓଡ଼ିଆ ପକ୍ଷ-ବନ୍ଦନୀୟ ବରପୁତ୍ର     ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ ପାଲନ୍‌ର ୧୨ ନମ୍ବର୍ ଦିନେ ଆଏଜ୍ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ୍ ହେବା । 'ପୁଣ୍ୟ ଏ ମାଟିର ଯଶସ୍ୱୀ ସନ୍ତାନ- ଦେଶ କରେ ଆଜି ତାଙ୍କ ଜୟଗାନ' ବାର୍ତା ନେଇକରି ରାଏଜେ ଇ କାର୍ଯ୍ୟକ୍ରମ୍ ପାଲନ୍ କରାଯିବା ।

ଇନ ଜନେଇ ଦିଆଯାଇପାରେ, ରାଜ୍ୟ ସର୍‌କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ  ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫି'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

କଲେଜ୍-ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ କଲେଜ୍ ନ ହପ୍ତେ ଭିତ୍ରେ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି ଗଠନ୍ କରାଯିବା । ଇଥିର୍‌ଲାଗି ସବୁ ସର୍‌କାରୀ, ବେସର୍‌କାରୀ ଆଉ ଅନୁଦାନ୍ ପ୍ରାପ୍ତ କଲେଜ୍ ଅଧ୍ୟକ୍ଷଙ୍କୁ ଭୁବ୍‌ନେଶ୍ୱର୍ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଚିଠି ଜରିଏ ଜନେଇ ଦିଆଯାଇଛେ । କମିଟି ଗଠନ୍ ନାଇଁ ହେଉଥିଲେ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖାଥି କଟ୍‌କନା ଲଗାଯିବା ବଲି ଚିଠିଥି ଉଲ୍ଲେଖ୍ କରାଯାଇଛେ ।

ପୋଷଣ୍ ପକ୍ଷ ସମନ୍ୱୟ କମିଟି ବୈଠକ        ଦେବ୍‌ଗଡ଼୍

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ କବୀନ୍ଦ୍ର ସାହୁଙ୍କର୍ ଅଧ୍ୟକ୍ଷତାଥି ପୋଷଣ୍ ପକ୍ଷ ସମନ୍ୱୟ କମିଟି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଛୁଆମାନ୍‌କୁ ପୁଷ୍ଟିକର ଆଉ ପୋଷଣ ଖାଦ୍ୟ ଯୁଗେଇ ଦେବାର୍ ସହେତେ ସେମାନ୍‌କର୍ ବିକାଶ୍ ଲାଗି କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନାକେ ଲୋକାଭିମୁଖୀ କର୍‌ବାର୍ ବାବ୍‌ଦେ ଜିଲ୍ଲାପାଲ୍ ଆଲୋକପାତ କରିଥିଲେ ।

ରକ୍ତଦାନ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ୍ ତରଫୁ ଗୁଟେ ମେଗା ରକ୍ତଦାନ୍ ଶିବିର୍ ଆୟୋଜନ୍ ଲାଗି ପିଏମ୍ଶ୍ରୀ ନୋଡ଼ାଲ୍ ଉଚ୍ଚବିଦ୍ୟାଳୟ ପରିସର୍ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ୧୯ ତାରିଖ୍ ଦିନ ହେବାର୍‌କେ ଥିବା ରକ୍ତଦାନ୍ ଶିବିର୍‌ଥି ସ୍ୱେଚ୍ଛାକୃତ ରକ୍ତଦାନ୍ ଲାଗି ବ୍ଲକ୍ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର୍ ସେଠ୍ ଆହ୍ୱାନ୍ ଦେଇଥିଲେ ।

ରୋଇଂ ଚାମ୍ପିଅନ୍‌ସିପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ରୋଇଂ ଫେଡ଼େରେସନ୍ ଆଉ ଓଡ଼ିଶା ଆସୋସିଏସନ୍ ଫର୍ ରୋଇଂ ଏଣ୍ଡ ସ୍କିଲିଂ ତରଫୁ ହେଇଥିବା ସର୍ବଭାରତୀୟ ଇନ୍‌ଡୋର୍ ରୋଇଂ ଚାମ୍ପିଅନ୍‌ସିପ୍‌ଥି ଓଡ଼ିଶା ଦଲ୍ ଚାମ୍ପିଅନ୍ ହେଇଛେ । କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଚାମ୍ପିଅନ୍‌ସିପ୍‌ଥି ଓଡ଼ିଶା ଦଲ୍ ୧୧ ଟା ସ୍ୱର୍ଣ୍ଣ, ୬ ଟା ରୌପ୍ୟ ଆଉ ୨ ଟା କାଂସ୍ୟ ପଦକ୍ ଜିତିଛେ । ଚାମ୍ପିଅନ୍‌ସିପ୍‌ଥି

୩ ଶହ ୫୦ ଝନ୍ ପୁରୁଷ ଆଉ ୨ ଶହ ୫୦ ଝନ୍ ମହିଲା ରୋଇଂ ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୭ ଦିନ୍ ତକ୍ ଜବର୍ ଗରମ୍ ଆଉ ଗୁଲ୍‌ଗୁଲି ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଜବର୍ ଖରାକେ ନେଇକରି ୧୧ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଆଏବା ୪/୫ ଦିନ୍ ଭିତ୍‌ରେ ଦିନର୍ ସବୁନୁ ଜହ ତାପମାତ୍ରା ୪ ନୁ ୬ ଡିଗ୍ରୀତକ୍ ବଢ଼ିପାରେ ବଲି କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।